# ସଂସ୍କୃତି ବିହାରର ସାଂସ୍କୃତିକ ଭୂମିକା

• ବିଶ୍ୱଭୂଷଣ ହରିଚନ୍ଦନ

ଓଡ଼ିଶାର ସବୁଠାରୁ ପୁରାତନ ନଗରୀ, ରାଜନୈତିକ, ସାଂସ୍କୃତିକ ଓ ବାଣିଜ୍ୟିକ ପ୍ରାଣକେନ୍ଦ୍ର କଟକରେ ଦୀର୍ଘ ୨୦ ବର୍ଷ ଧରି ମୋ ଜୀବନର ଏକ ଅବିସ୍ମରଣୀୟ ଭାଗ ମୁଁ କଟାଇଛି । ମଧୁସୂଦନ ଆଇନ ମହାବିଦ୍ୟାଳୟରେ ଆଇନ ବିଦ୍ୟା ଶେଷ କରିବା ପରେ ସ୍ୱନାମଧନ୍ୟ ଆଇନଜୀବୀ, ସ୍ୱର୍ଗତଃ ରଙ୍ଗନାଥ ମିଶ୍ର, ଯେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତି ଆସନ ଅଳଂକୃତ କରିଥିଲେ, ତାଙ୍କ ପାଖରେ ୧୯୬୧ ମସିହାରେ ଜୁନିଅର ଭାବେ ଯୋଗ ଦେଇ ଓଡ଼ିଶା ହାଇକୋର୍ଟରେ ମୁଁ ଓକିଲାତି ଆରମ୍ଭ କରିଥିଲି । ତା ପୂର୍ବରୁ ଆଇନ ମହାବିଦ୍ୟାଳୟରେ ପଢୁଥିଲା ବେଳେ, ଯେହେତୁ ଆଇନ କଲେଜ ସକାଳ ୭ଟାରୁ ସାଢ଼େ ୯ଟା ପର୍ଯ୍ୟନ୍ତ ଚାଲୁଥିଲା ମୁଁ ମୋର ଜଣେ ଶିକ୍ଷକ ବନ୍ଧୁ ଶ୍ରୀ ସୁରେଶ କୁମାର ନନ୍ଦଙ୍କର ପ୍ରବର୍ତ୍ତନା ଓ ଭକ୍ତମଧୁ ବିଦ୍ୟାପୀଠର ତତ୍‌କାଳୀନ ହେଡମାଷ୍ଟର, ବିଶିଷ୍ଟ ଭୌଗଳିକ ଲଳିତ ମୋହନ ଘୋଷଙ୍କର ଅତ୍ୟଧିକ ଆଗ୍ରହ ଯୋଗୁଁ ଦେଢ଼ ବର୍ଷ କାଳ ସ୍କୁଲର ଇଂରାଜୀ ଶିକ୍ଷକ ଭାବେ ଯୋଗ ଦେଇଥିଲି । ସେହି ସମୟରେ ଶ୍ରୀ ନିର୍ମଳକାନ୍ତି ସେନ୍, ନାରାୟଣ ସିଂହ, ସ୍ୱରୂପ ନାୟକ, ଶୁଭାଞ୍ଜନ ମହାନ୍ତି, ବିଜୟ ଚକ୍ରବର୍ତ୍ତୀ, ରାଧାନାଥ ଭଞ୍ଜ ପ୍ରମୁଖ ଯେଉଁମାନେ ଆଜି ଜୀବନର ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଛନ୍ତି ସେମାନେ ମୋର ଛାତ୍ର ଥିଲେ । ଶ୍ରୀ ସରୋଜ କୁମାର ସିଂହ ରେଭେନ୍‌ସା କଲେଜିଏଟ୍ ସ୍କୁଲରେ ପଢୁଥିବାରୁ ସିଧାସଳଖ ଭାବରେ ମୋର ଛାତ୍ର ନ ଥିଲେ । କିନ୍ତୁ ଏମାନଙ୍କର ବନ୍ଧୁ ଥିବାରୁ ଅନେକ ସମୟରେ ମୋ ପାଖକୁ ସେମାନଙ୍କ ସହିତ ଆସୁଥିଲେ ଓ ମୋ ଛାତ୍ର ଭଳି ବ୍ୟବହାର ପାଉଥିଲେ । ପରେ ଏମାନେ ସମସ୍ତେ ସଂସ୍କୃତି ବିହାର ସହିତ ସଂପୃକ୍ତ ହୋଇ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଯୋଗ ଦେଲେ ଓ ମୋ ସହିତ ସଂପର୍କ ବଜାୟ ରଖିଲେ ।

ହାଇକୋର୍ଟରେ ମୁଁ ଓକିଲାତି ଆରମ୍ଭ କଲାବେଳେ ପ୍ରଥମେ କାଳୀଗଳିରେ ଗୋଟିଏ ଭଡ଼ାଘରେ ରହୁଥିଲି । ତାପରେ ବୁଢ଼ୀ ଠାକୁରାଣୀ ସାହିରେ ଗୋଟିଏ ଦୋତାଲା ଘରକୁ ଆସି ମୋର ଓକିଲାତି ସିରସ୍ତା ଖୋଲିଥିଲି । ମୋ ଭଡ଼ା ଘରର ପ୍ରାୟ ସାମନାରେ ପ୍ରକାଶକ ଓ ଔପନାସିକ ଶ୍ରୀ ରଣଜିତ୍ ସିଂହଙ୍କର ଘର । ବୁଢ଼ୀ ଠାକୁରାଣୀ ଘରେ କିଛି ଦିନ ରହିବା ପରେ ସେ ସାହିର ପ୍ରାୟ ସମସ୍ତଙ୍କ ସହିତ ସଂପର୍କ ଘନିଷ୍ଠ ହେବାକୁ ଲାଗିଲା । ସେହି ସମୟରେ 'ସଂସ୍କୃତି ବିହାର' ସହିତ ମୁଁ ସଂପୃକ୍ତ ହୋଇପଡ଼ିଲି । ସେତେବେଳେ ଶିକ୍ଷା ବିଭାଗର ନିର୍ଦ୍ଦେଶକ ଶ୍ରୀ ଗୋକୁଳାନନ୍ଦ ଶତପଥୀ ସଂସ୍କୃତି ବିହାରର ସଭାପତି ଥିଲେ ଓ ମୁଁ ଥିଲି ଉପସଭାପତି । ସରୋଜଙ୍କର ପିତା ଶ୍ରୀ ରଣଜିତ୍ ସିଂହ ଥିଲେ ଏହାର ପ୍ରଧାନ ପୃଷ୍ଠପୋଷକ । ତାଙ୍କ ନିଜ ଘରଠାରୁ କିଛି ଦୂରରେ ସାହିର ଛକ ପାଖରେ ତାଙ୍କର ଆହୁରି ଗୋଟିଏ ଘର ଥିଲା । 'ସଂସ୍କୃତି ବିହାର' ନାମକ ଏହି ସାଂସ୍କୃତିକ ଅନୁଷ୍ଠାନ ସେହିଠାରେ ପ୍ରତିଷ୍ଠା କରାଗଲା ଓ କ୍ରମେ ଏହା ରାଜ୍ୟର ଏକ ପ୍ରମୁଖ ସାଂସ୍କୃତିକ ସଂଗଠନ ଭାବରେ ମୁଣ୍ଡ ଟେକିଲା । ପ୍ରଥମ କିମ୍ବା ଦ୍ୱିତୀୟ ବୈଠକରେ ଏହାର ସଂବିଧାନ ପ୍ରଣୟନ କରିବାକୁ ନିଷ୍ପତ୍ତି ନିଆଗଲା ଓ ସେ ଦାୟିତ୍ୱ ମୋତେ ଦିଆଯାଇଥିଲା । ଚିଠା ପ୍ରସ୍ତୁତ କରି ତାର ପରବର୍ତ୍ତୀ ବୈଠକରେ ମୁଁ ଯେତେବେଳେ ତାକୁ ଉପସ୍ଥାପନ କଲି ସମସ୍ତେ ତାକୁ ସର୍ବସମ୍ମତି ଭାବେ ଅନୁମୋଦନ କଲେ । ମୋର ଆଜି ବି ମନେ ପଡୁଛି, ଗୋକୁଳାନନ୍ଦ ବାବୁ କହିଥିଲେ, ଏ ସଂବିଧାନ ଚିଠା ବହୁତ ବଢ଼ିଆ ହୋଇଛି ଓ ଆଇନର ଗେଜେଟ୍ ନୋଟିଫିକେସନ ଭଳି ହୋଇଛି । ସଂସ୍କୃତି ବିହାରର ପ୍ରତିଷ୍ଠା ପରେ ପ୍ରତିଦିନ ସନ୍ଧ୍ୟାରେ ସେଠାରେ କେତେକ ବରିଷ୍ଠ ନାଗରିକ, ଛାତ୍ର ଓ ଯୁବକ ଏକତ୍ରିତ ହେଉଥିଲେ ଓ ଖବରକାଗଜ ଇତ୍ୟାଦି ପଢ଼ାପଢ଼ି ସହିତ ବିଭିନ୍ନ ସାଂସ୍କୃତିକ ଓ ଅନ୍ୟାନ୍ୟ ସମସ୍ୟା ଉପରେ ଆଲୋଚନା ହେଉଥିଲା ।

କାଳୀଗଳି ଓ ବୁଢ଼ୀ ଠାକୁରାଣୀ ସାହି ତା'ର ସାଂସ୍କୃତିକ ପରିବେଶ ଯୋଗୁଁ ବେଶ୍ ଜଣାଶୁଣା ଥିଲା । ସେଠାରେ ବହୁ ଆଗରୁ କୃଷ୍ଣଲୀଳା ଓ ରାସଲୀଳା ପ୍ରାୟ ପ୍ରତିବର୍ଷ କରାଯାଇଥିଲା ମଝିରେ ମଝିରେ ନାଟକମାନ ମଧ୍ୟ ସେ ସାହିର କଳାକାରମାନଙ୍କୁ ନେଇ ଅଭିନୀତ ହେଉଥିଲା । ମା ବୁଢ଼ୀ ଠାକୁରାଣୀଙ୍କର ପୂଜା ପାର୍ବଣ ଓ ବିଶେଷ ଭାବରେ ଦଶହରା ପୂଜାରେ ସାହିର ସମସ୍ତେ ଏକତ୍ରିତ ହେଉଥିଲେ ଓ ଆନନ୍ଦ ଉତ୍ସବ ଭିତରେ ବନ୍ଧୁତ୍ୱର ଡୋରିରେ ବାନ୍ଧି ହୋଇ ରହିଥିଲେ । ତେଣୁ 'ସଂସ୍କୃତି ବିହାର' ଭଳି ଏକ ସାଂସ୍କୃତିକ ଅନୁଷ୍ଠାନ ଗଢ଼ି ଉଠିବା ମୂଳରେ ସମସ୍ତଙ୍କର ଉତ୍ସାହ, ସଦିଚ୍ଛା ଓ ସହଯୋଗ ଥିଲା ।

ସଂସ୍କୃତି ବିହାର ତରଫରୁ ଗୋଟିଏ ନାଟକ ମଞ୍ଚସ୍ଥ କରିବା ପାଇଁ ନିଷ୍ପତ୍ତି ନିଆଗଲା । ସମୟ କମ୍ ଥିବାରୁ ଗୋଟିଏ ନାଟିକା ଅଭିନୀତ ହେବା ଭଲ ହେବ ବୋଲି ବୈଠକରେ ସମସ୍ତେ ମତ ଦେଲେ । ମୁଁ କ୍ଷୁଦ୍ରନାଟକ ଲେଖୁଥିବାରୁ ଓ ନାଟକରେ ନିର୍ଦ୍ଦେଶନା ଦେଉଥିବାରୁ, ଏସବୁ ଦାୟିତ୍ୱ ମୋ ଉପରେ ଛାଡ଼ିଦେଲେ । ସେତେବେଳକୁ ବିଭିନ୍ନ ପତ୍ରପତ୍ରିକାରେ ମୋର କେତୋଟି ଏକାଙ୍କିକା ପ୍ରକାଶ ପାଇଥାଏ । ତା ଭିତରୁ ଏକାଙ୍କିକା "ରାଣାପ୍ରତାପ" କୁ ମଞ୍ଚସ୍ଥ କରିବା ପାଇଁ ସ୍ଥିର ହେଲା । ସେ ନାଟିକାରେ ବିଭିନ୍ନ ଭୂମିକାରେ ଆଜିର ବିଶିଷ୍ଟ ସଂଗୀତଜ୍ଞ ଓ ସଂଗୀତ ନିର୍ଦ୍ଦେଶକ ଶ୍ରୀ ସ୍ୱରୂପ ନାୟକ, ଶିକ୍ଷ କ୍ଷେତ୍ରରେ ବହୁ ସୁଖ୍ୟାତି ଅର୍ଜନ କରିଥିବା ଶ୍ରୀ ଶୁଭାଞ୍ଜନ ମହାନ୍ତି, ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ଷ୍ଟାମ୍ପରିପୋର୍ଟର, ନାଟକ ଓ ଗୀତିନାଟ୍ୟର ଅଭିନେତା ଓ ନିର୍ଦ୍ଦେଶକ ଶ୍ରୀ ନାରାୟଣ ସିଂହ ଓ ଅନ୍ୟମାନେ, ଯେଉଁମାନେ ମୁଖ୍ୟତଃ ଭକ୍ତମଧୁ ବିଦ୍ୟାପୀଠର ପ୍ରାକ୍ତନ ଛାତ୍ର ଓ 'ସଂସ୍କୃତି ବିହାର'ର ସଦସ୍ୟ ଥିଲେ ସେମାନେ ଭାଗ ନେଇଥିଲେ । 'ସଂସ୍କୃତି ବିହାର' ତାର ବିଭିନ୍ନ କାର୍ଯ୍ୟକ୍ରମ ବଜାୟ ରଖିଲା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କ୍ଷେତ୍ରରେ ବହୁ ସୁଖ୍ୟାତି ଅର୍ଜ୍ଜନ କଲା । ଏ ଯୁବ କଳାକାର ଓ ସଦସ୍ୟମାନେ ପରେ ଜୀବନର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରି ପ୍ରତିଷ୍ଠିତ ହୋଇଥିଲେ ସୁଦ୍ଧା ତାଙ୍କର ପ୍ରିୟ "ସଂସ୍କୃତି ବିହାର"ର ସବୁ କାର୍ଯ୍ୟକ୍ରମରେ ସେମାନଙ୍କ ସହଯୋଗ ଜାରି ରଖିଥିଲେ । ଶ୍ରୀ ନିର୍ମଳକାନ୍ତି ସେନ ଓ ଶ୍ରୀ ସରୋଜ କୁମାର ସିଂହ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ ଭାବରେ ଅବସର ଗ୍ରହଣ କରିବା ପରେ ମଧ୍ୟ ପୂର୍ବଭଳି ଏହାର ସବୁ କାର୍ଯ୍ୟକ୍ରମରେ ସକ୍ରିୟ ଭୂମିକା ଗ୍ରହଣ କରୁଛନ୍ତି । କ୍ରମେ ଏହା ରାଜ୍ୟର ଏକ ପ୍ରଖ୍ୟାତ ସାଂସ୍କୃତିକ ଅନୁଷ୍ଠାନରେ ପରିଣତ ହେଲା । ବଡ଼ ଆନନ୍ଦର ବିଷୟ ଯେ ସେମାନେ ସମସ୍ତେ ଏବେ ସୁଦ୍ଧା ସେ ଅନୁଷ୍ଠାନର ସକ୍ରିୟ ସଦସ୍ୟ ଅଛନ୍ତି ଓ ତା'ର ସାଂସ୍କୃତିକ ବିକାଶ ପାଇଁ କାର୍ଯ୍ୟରତ ଅଛନ୍ତି ।

ଓଡ଼ିଶା ହାଇକୋର୍ଟର ଓକିଲାତି କରିବା ସହିତ ଭାରତୀୟ ଜନସଂଘର ରାଜ୍ୟ ସାଧାରର ସଂପାଦକ ଭାବେ ଦାୟିତ୍ୱ ଗ୍ରହଣ କରିବା ଫଳରେ ମୁଁ ଯଦିଓ ବେଶି ସମୟ ଦେଇ ପାରୁନଥିଲି, ତଥାପି ସଂସ୍କୃତି ବିହାରର ସବୁ କାର୍ଯ୍ୟକ୍ରମରେ ଭାଗ ନେଉଥିଲି । ବୁଢ଼ୀ ଠାକୁରାଣୀ ସାହିର ମୋର ଘର ବଦଳାଇ ରାଜାବଗିଚା ଚାଲିଯିବା ପରେ "ସଂସ୍କୃତି ବିହାର"ର ସବୁ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରୁନଥିଲି । ତାପରେ ୧୯୭୪-୭୫ ମସିହାରେ ଜୟପ୍ରକାଶଜୀଙ୍କର 'ସଂପୂର୍ଣ୍ଣ କ୍ରାନ୍ତି' ଆନ୍ଦୋଳନରେ ଭାଗ ନେଇ 'ମିସା' ଆଇନରେ ଗିରଫ ହୋଇ ଜେଲବରଣ କଲି । ୧୯୭୭ ମସିହାରେ ଖୋର୍ଦ୍ଧା ଜିଲ୍ଲାର ଚିଲିକା ନିର୍ବାଚନ ମଣ୍ଡଳୀରୁ ବିଧାନ ସଭାକୁ ନିର୍ବାଚିତ ହୋଇ ସରକାରରେ ଜଣେ କ୍ୟାବିନେଟ୍ ମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ କଟକ ଛାଡ଼ି ଭୁବନେଶ୍ୱରକୁ ଆସିଗଲି । ସଂସ୍କୃତି ବିହାର ସହିତ ଆଉ ସଂପର୍କ ରହିଲାନି ସତ, କିନ୍ତୁ ତାର ବିଭିନ୍ନ ସାଂସ୍କୃତିକ କାର୍ଯ୍ରକ୍ରମ ସବୁ ଦେଖି ଆନନ୍ଦ ଅନୁଭବ କରୁଥିଲି । ସଂସ୍କୃତି ବିହାର ଦ୍ୱାରା କଟକ ବାରବାଟୀ କିଲ୍ଲା ପଡ଼ିଆରେ ମହାଭାରତର ଗୋଧନ ହରଣ, କର୍ଣ୍ଣବଧ, ଦ୍ରୋଣବଧ ଓ ଅନ୍ୟାନ୍ୟ ପ୍ରସଙ୍ଗ ଉପରେ ଅଭିନୀତ ହେଉଥିବା ଗୀତିନାଟ୍ୟଗୁଡ଼ିକ ବହୁ ଚିତ୍ତାକର୍ଷକ ଓ ଆକର୍ଷଣୀୟ ହେଉଥିଲା । ଏ ବିରାଟ ପଡ଼ିଆରେ ଯୁଦ୍ଧର ସେନା ପରିଚାଳନା, ହାତୀ ଓ ଘୋଡ଼ାମାନଙ୍କ ଉପରେ ଯୋଦ୍ଧା ଓ ସୈନିକମାନେ ଧାବମାନ ହୋଇ ଯୁଦ୍ଧରତ ହେଉଥିବା ଦୃଶ୍ୟ ଥିଲା ଅତୀବ ଚମତ୍କାର ଓ ନାଟକ ଇତିହାସରେ ଅଭୂତପୂର୍ବ । ଗଡ଼ଖାଇର ଭିତର ପଟେ ଏ ଗୀତିନାଟ୍ୟଗୁଡ଼ିକ ପରିବେଷିତ ହେଉଥିଲା ବେଳେ ତାର ବାହାର ପାଖରେ ହଜାର ହଜାର ଦର୍ଶକ ଯୁଦ୍ଧର ଦୃଶ୍ୟଗୁଡ଼ିକୁ ମନଭରି ଉପଭୋଗ କରୁଥିଲେ । ସରକାରରେ ଥିଲା ବେଳେ ବାଲିଯାତ୍ରା ଉତ୍ସବକୁ ଉଦ୍‌ଘାଟନ କରି ସାରିବା ପରେ ବହୁ ସମୟରେ ମୁଁ ମଧ୍ୟ ସେମାନଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ଗଡ଼ଖାଇ ନିକଟରେ ସପରିବାରେ ବସି କିଛି ସମୟ ସେ ଅଭିନୟ ଦେଖି ଅସୀମ ଆନନ୍ଦ ଅନୁଭବ କରୁଥିଲି । ମୋତେ ଦେଖି ମନ୍ତ୍ରୀମଣ୍ଡଳର ମୋର ଅନ୍ୟ ବନ୍ଧୁମାନେ ମଧ୍ୟ ବସି ଏ ଅଭିନୟକୁ ଉପଭୋଗ କରୁଥିଲେ । ଅଭିନୟ ଅତ୍ୟନ୍ତ ହୃଦୟସ୍ପର୍ଶୀ, ଚିତ୍ତାକର୍ଷକ ଓ ଉଚ୍ଚକୋଟୀର ହେଉଥିବାରୁ ଓ ଏକ ଅଭିନବ ଢଙ୍ଗରେ ପରିବେଷିତ ହେଉଥିବାରୁ ବହୁ ବୁଦ୍ଧିଜୀବୀ, କଳାକାର, ରାଜନୀତିଜ୍ଞ ଓ ସମାଜର ସବୁ ସ୍ତରର ଲୋକ ସଂସ୍କୃତି ବିହାରର ଉଚ୍ଚ ପ୍ରଶଂସା କରୁଥିଲେ । ମୁଁ ଅତି ମାତ୍ରାରେ ଆନନ୍ଦିତ ଯେ ସଂସ୍କୃତି ବିହାରର ପଚାଶ ବର୍ଷ ପୂର୍ତ୍ତିରେ ତାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ପାଳିତ ହେଉଛି । ସାଂସ୍କୃତିକ ବିକାଶ କ୍ଷେତ୍ରରେ 'ସଂସ୍କୃତି ବିହାର' ତାର ଜୟଯାତ୍ରାକୁ ବଜାୟ ରଖିବବୋଲି ମୋର ଦୃଢ଼ ବିଶ୍ୱାସ ।

*ପୂର୍ବତନ ମନ୍ତ୍ରୀ, ଏ / ୧୨, ନୀଳକଣ୍ଠ ନଗର, ଭୁବନେଶ୍ୱର*

❐❐❐